# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 March - 2025

*******************************

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ
- ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ

– ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତାମାନେ ଦେଲେ ଶ୍ରଦ୍ଧାଞ୍ଜଳି

- ବିଶିଷ୍ଟ ସାହିତ୍ୟିକ ରମାକାନ୍ତ ରଥଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ହେଲା ଶେଷକୃତ୍ୟ

ଏବଂ

- ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବୁଧବାର ପର୍ଯ୍ୟନ୍ତ ଲାଗି ରହିବ ଗ୍ରୀଷ୍ମ ପ୍ରବାହ

*Assembly*

## ବିଧାନସଭା

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଷଷ୍ଠ ଦିନରେ ଆଜି ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିପାରିନଥିଲା। ପ୍ରଶ୍ନକାଳ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ହୋହାଲ୍ଲା କରିବା ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ୧୦ଟା ୩୫ ମିନିଟ୍‌ରୁ ୧୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପ୍ରଶ୍ନକାଳରେ ସରକାରୀ ସଦସ୍ୟା ଉପାସନା ମହାପାତ୍ର ବାଚସ୍ପତିଙ୍କ ଜରିଆରେ ଜାଣିବାକୁ ଚାହିଁଥିଲେ ଯେ ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତରୀ ପଦବୀ ପୂରଣ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି। ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ୫ ହଜାର ଡାକ୍ତର ପଦବୀ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ୧୯ ହଜାର ଡାକ୍ତରୀ ପଦବୀ ମଞ୍ଜୁରୀ ପ୍ରାପ୍ତ ଥିବା ବେଳେ ବର୍ତ୍ତମାନ ସେଥିମଧ୍ୟରୁ ୬ ହଜାର ଡାକ୍ତର ପଦବୀ ଖାଲି ଅଛି।

***BBSR/R***

## ଦେବେନ୍ଦ୍ର ପ୍ରଧାନ ପରଲୋକ

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ୮୩ ବର୍ଷ ବୟସରେ ଆଜି ନୂଆଦିଲ୍ଲୀରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ପ୍ରଧାନ ୧୯୪୧ ମସିହାରେ ଅବିଭକ୍ତ

ଢେଙ୍କାନାଳ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ ଶ୍ରୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୮ ମସିହାରୁ ୧୯୯୩ ପର୍ଯ୍ୟନ୍ତ ରାଜ୍ୟ ବିଜେପିର ସଭାପତି, ୧୯୯୩ରୁ ୧୯୯୫ ମସିହା ପର୍ଯ୍ୟନ୍ତ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ, ପୁନର୍ବାର ୧୯୯୫ରୁ ୧୯୯୭ ମସିହା ପର୍ଯ୍ୟନ୍ତ ବିଜେପି ସଭାପତି ଭାବେ ସ୍ୱର୍ଗତ ଡାକ୍ତର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ୧୯୯୮ ମସିହାରେ ଦେବଗଡ଼ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ।  ୧୯୯୯ ମସିହାରୁ ୨୦୦୧ ମସିହା ପର୍ଯ୍ୟନ୍ତ କେନ୍ଦ୍ର ପରିବହନ ଓ କୃଷିମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସକ୍ରିୟ ସଦସ୍ୟ ରହିବା ସହ ଜଣେ ଆଦର୍ଶ ଡାକ୍ତରର ପରିଚୟ ସୃଷ୍ଟି କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହିତ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଦେଶ ତଥା ରାଜ୍ୟ ଜଣେ ବିଶିଷ୍ଟ ଜନସେବକଙ୍କୁ ହରାଇଲା ବୋଲି କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ସ୍ୱର୍ଗତଃ ପ୍ରଧାନଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ସୁଦକ୍ଷ ସାଂଗଠନିକ କାର୍ଯ୍ୟଶୈଳୀ ସର୍ବଦା ପ୍ରେରଣା ଯୋଗାଇ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି ।

ବାଚସ୍ପତି ସୁରମା ପାଢ଼ି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତଃ ଡାକ୍ତର ପ୍ରଧାନ ଜଣେ ଜନପ୍ରତିନିଧି ଭାବେ ରାଜ୍ୟର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ରହିବ ।

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ମନ୍ତ୍ରୀ, ସାଂସଦମାନେ ସ୍ୱର୍ଗତଃ ଦେବେନ୍ଦ୍ର ପ୍ରଧାନଙ୍କର ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ବିରୋଧୀ ଦଳନେତା ନବୀନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ୍ୟ ଡାକ୍ତର ପ୍ରଧାନଙ୍କର ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି ।

ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ପାର୍ଥିବ ଶରୀର ଆଜି ଅପରାହ୍ନ ୪ଟା ୩୦ ମିନିଟ୍‌ରେ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ପହଁଞ୍ଚିବ ଏବଂ ଆସନ୍ତାକାଲି ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି ।

*Desk*

# ଆର୍‌ଟିଇ ନାମଲେଖା

ରାଜ୍ୟର ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ନାମଲେଖା ତାରିଖରେ ପରିବର୍ତ୍ତନ କରାଯାଇଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତାକାଲି ମଙ୍ଗଳବାରଠାରୁ ଏପ୍ରିଲ ମାସ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ପଞ୍ଜିକରଣ ଆରମ୍ଭ ହେବ । ଏପ୍ରିଲ ୩ ତାରିଖରୁ ୨୩ ତାରିଖ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପରେ ୨୪ତାରିଖରେ ଚୂଡାନ୍ତ ମେଧାତାଲିକା ପ୍ରକାଶ ପାଇବ ।

*Desk*

# ଅଗ୍ନିପଥ ଯୋଜନା

ଭାରତୀୟ ସେନାବାହିନୀରେ ୨୦୨୫-୨୬ ବର୍ଷ ନିମନ୍ତେ ଅଗ୍ନିପଥ ଯୋଜନା ଏବଂ ନିୟମିତ ପଦବୀରେ ନିଯୁକ୍ତି ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଛି । ଅନଲାଇନ୍ ମାଧ୍ୟମରେ ଆସନ୍ତା ଏପ୍ରିଲ ମାସ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ । ଇଚ୍ଛୁକ ପ୍ରାର୍ଥୀମାନେ ଅନ୍‌ଲାଇନ୍ ଜରିଆରେ www.joinindianarmy.nic.in ରେ ଆବେଦନ କରିପାରିବେ । ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ମଧ୍ୟ ଏହି ୱେବସାଇଟ୍‌ରେ ଉପଲବ୍ଧ ଅଛି । ଆବେଦନ ଏବଂ ପରୀକ୍ଷା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ପ୍ରାର୍ଥୀ କଟକ ଆର୍ମି ରିକ୍ରୁମେଣ୍ଟ କାର୍ଯ୍ୟାଳୟ ସହ ବ୍ୟକ୍ତିଗତ ଯୋଗାଯୋଗ କରିପାରିବେ ।

*Desk*

## ଭୋଟର- ଆଧାର ସଂଯୋଗ

ଭୋଟର ପରିଚୟପତ୍ର ତଥ୍ୟରେ ତ୍ରୁଟି ଅଭିଯୋଗକୁ ନେଇ ନିର୍ବାଚନ କମିଶନ ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ଭୋଟର ପରିଚୟପତ୍ର ନମ୍ବରକୁ ଆଧାର ସହିତ ସଂଯୋଗ କରିବା ବାଧ୍ୟତାମୂଳକ ବିଷୟରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଛି। ବର୍ତ୍ତମାନ ଭୋଟର ପରିଚୟପତ୍ର ନମ୍ବର ସହିତ ଆଧାର ନମ୍ବରକୁ ସଂଯୋଗ କରିବା ଇଚ୍ଛାଧୀନ ରଖାଯାଇଛି। ସରକାର ସଂସଦରେ କହିଛନ୍ତି, ଯଦି କୌଣସି ମତଦାତା ଭୋଟର ନମ୍ବର ସହିତ ଆଧାର ନମ୍ବର ସଂଯୋଗ ନ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ ନାହିଁ।

*Puri/R*

## ରମାକାନ୍ତ ରଥଙ୍କ ଶେଷକୃତ୍ୟ ସମ୍ପନ୍ନ

ପଦ୍ମଭୂଷଣ ତଥା ବିଶିଷ୍ଟ ସାହିତ୍ୟିକ ରମାକାନ୍ତ ରଥଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ଆଜି ସମ୍ପନ୍ନ ହୋଇଛି। ପୁତ୍ର ପିନାକୀ ରଥ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ପୁରୀ ଜିଲ୍ଲାପାଳ, ଏସ୍.ପି.ଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଗତକାଲି ୯୧ ବର୍ଷ ବୟସରେ ଶ୍ରୀ ରଥଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଥିଲା।

*Ganjam*

## ଚୈତ୍ର ପର୍ବ

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କର ଚୈତ୍ର ପର୍ବ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଜିଲ୍ଲା ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମା'ଙ୍କ ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶିଶୁମାନଙ୍କର ମୁଣ୍ଡନ ପାଇଁ ସହଦେବ ଛକଠାରୁ ମନ୍ଦିର ଘାଟି ରାସ୍ତା ପର୍ଯ୍ୟନ୍ତ ଚାରୋଟି ସ୍ଥାନରେ ଅସ୍ଥାୟୀ ମୁଣ୍ଡନଶାଳା ଓ ପାଣି ବ୍ୟବସ୍ଥା କରାଯାଇଛି ।  ସେହିପରି ଭକ୍ତଙ୍କ ପାଇଁ ତିନୋଟି ସ୍ଥାନରେ ମାଗଣା ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିବା ବେଳେ ମୁଣ୍ଡନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ।

*BHK*

## ରାମନବମୀ ବୈଠକ

ଭଦ୍ରକରେ ରାମନବମୀ ଉତ୍ସବ ଲାଗି ସହରର ନୂଆବଜାର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ବିଜେପି ମନମୋହନ ସାମଲ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖ ସକାଳେ ଗଣଦୌଡ଼ କଳସ

ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

***Desk***

## ମଧ୍ୟାହ୍ନ ଭୋଜନ-ତେଲ ବ୍ୟବହାର

ବିଦ୍ୟାଳୟରେ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ୧୦ ପ୍ରତିଶତ କମ୍ ତେଲ ବ୍ୟବହାର କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ ଏବଂ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପିଲାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ମେଦ ବହୁଳତା ସମ୍ପର୍କରେ ଆଲୋଚନା କରିବା ପରେ ପିଏମ୍ ପୋଷଣ ଯୋଜନା ଅଧୀନରେ ଏହି ପରାମର୍ଶ ଦିଆଯାଇଛି । ବିଦ୍ୟାଳୟରେ ସୁସ୍ଥ ରୋଷେଇ ପଦ୍ଧତି ଗ୍ରହଣ କରିବାକୁ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖାଯାଇଥିବା ଜଣାପଡିଛି ।

***Desk***

## ଚାଷୀ ପଞ୍ଜିକରଣ ପ୍ରକ୍ରିୟା

ରାଜ୍ୟରେ ରବିଧାନ ବିକ୍ରି କରିବା ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଚାଲିଛି । ଚଳିତମାସ ଶେଷ ପର୍ଯ୍ୟନ୍ତ ଚାଷୀମାନେ ପଞ୍ଜିକରଣ କରିପାରିବେ । ପ୍ରାଥମିକ କୃଷି ସମବାୟ ସମିତି, ପେକ୍ସ, ଲ୍ୟାମ୍ପ୍ସ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜରିଆରେ ପଞ୍ଜିକରଣ

କରାଯାଇପାରିବ । ଗତବର୍ଷ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କୁ ମଧ୍ଯ ଧାନ ବିକିବା ଲାଗି ଚଳିତବର୍ଷ ପୁଣିଥରେ ପଞ୍ଜିକରଣ କରିବାକୁ ପଡିବ । ଚାଷୀମାନେ ଏ ବାବଦରେ ଅଧିକ ସୂଚନା ଜାଣିବା ପାଇଁ ୧୯୬୭ ନମ୍ବରକୁ ଟେଲିଫୋନ କିମ୍ଵା foododisha.in ୱେବସାଇଟ୍‌ରେ ସୂଚନା ପାଇପାରିବେ । ସରକାର ଆସନ୍ତା ମେ' ମାସ ୧ ତାରିଖରୁ ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କ ଠାରୁ ରବିଧାନ କିଣିବେ ।

***R.gada/***

## ଯୁଗ୍ମ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଛି । ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବିଷମ କଟକଠାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ୩୯ଟି ଅଭିଯୋଗର ସମାଧାନ ହୋଇଥିବା ଆମ ସମ୍ବାଦାତା ଜଣାଇଛନ୍ତି ।

***Desk***

## ତାପମାତ୍ରା

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବା ସହ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ଵର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ବୁଧବାର ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଅନ୍ୟ ଜିଲ୍ଲା ତୁଳନାରେ ଗ୍ରୀଷ୍ମ ପ୍ରବାହର ତାପମାତ୍ରା ଅଧିକ ରହିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

ସୁବର୍ଣ୍ଣପୁର ଜିଲ୍ଲାରେ ଆଜି ଦିନ ଗୋଟାଏ ସୁଦ୍ଧା ତାପମାତ୍ରା ୪୦ ଡିଗ୍ରୀ ଅଧିକା ଥିବା ନେଇ ଆମ ସମ୍ବାଦଦାତା  ଜଣାଇଛନ୍ତି।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସତର୍କ ରହିବାଲାଗି ପାଣିପାଗ ବିଭାଗ ପରାମର୍ଶ ଦେଇଛି । ଏହି ସମୟ ମଧ୍ୟରେ ଅଧିକ ପାଣି ପିଇବା, ଖରାକୁ ନ ବାହାରିବା ଏବଂ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନକରିବା ଲାଗି ପରାମର୍ଶ ଦିଆଯାଇଛି ।